## ରୋଷେଇଘରୁ ଅଜଗର ଉଦ୍ଧାର

ମାଲକାନଗିର(ସ୍ୱ.ପ୍ର.)–ମାଲକାନଗିରି ସଦର ମହକୁମା ସୁଭାଷ ବୋଷ ଛକ ନିକଟରେ ରହୁଥିବା ଜଣେ ବ୍ୟକ୍ତିଙ୍କ ରୋଷେଇଘରୁ ବୁଧବାର ରାତିରେ ଏକ ଅଜଗର ସାପ ଉଦ୍ଧାର କରାଯାଇଛି। ପରିବାର ଲୋକେ ଶୋଇଥିବା ସମୟରେ ରୋଷେଇ ଘରୁ ଏକ ଶବ୍ଦ ହୋଇଥିଲା। ଏହି ଶବ୍ଦ ଶୁଣି ପରିବାର ଲୋକେ ଉଠିପଡି ରୋଷେଇ ଘରକୁ ଯାଇ ଅଜଗର ସାପଟିକୁ ଦେଖିଥିଲେ। ପରେ ସ୍ନେକ ହେଲ୍ପଲାଇନର ସଦସ୍ୟ ସତ୍ୟଜିତ ଗୌଡ଼ଙ୍କୁ ଫୋନକରି ଡାକିଥିଲେ। ସତ୍ୟଜିତ ପହଞ୍ଚି ଅଜଗରକୁ ଉଦ୍ଧାର କରିଥିଲେ। ପରେ ସାପକୁ ଜଙ୍ଗଲରେ ଛଡ଼ାଯାଇଥିବା ଜଣାପଡିଛି।

**ସଂକ୍ଷେପରେ**

## ନାଏବ ସରପଞ୍ଚଙ୍କୁ ମିଳିଲା ସରପଞ୍ଚ ଦାୟିତ୍ୱ

ଚନ୍ଦାହାଣ୍ଡି,୧୬।୭(ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍ ଶରଧାପୁର ପଞ୍ଚାୟତର ସରପଞ୍ଚ ଗୋବିନ୍ଦ ପୂଜାରୀ ଦୀର୍ଘଦିନ ଧରି ପକ୍ଷାଘାତ ଏବଂ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁ ପଞ୍ଚାୟତ ବୈଠକରେ ଯୋଗଦେଇ ପାରୁ ନ ଥିଲେ। ପଞ୍ଚାୟତର ବିଭିନ୍ନ କାର୍ଯ୍ୟ ପାଇଁ ଖର୍ଚ୍ଚ ହେଉଥିବା ଟଙ୍କା ଉଠାଣ ପାଇଁ ଚେକ୍‌ବୁକରେ ଦସ୍ତଖତ କରିବାରେ ମଧ ଅକ୍ଷମ ଥିଲେ। ତେଣୁ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଅଟକି ରହିଥିଲା। ଏ ନେଇ ବ୍ଲକ୍ ପ୍ରଶାସନ ଜିଲା ପଞ୍ଚାୟତ ଅଧିକାରୀଙ୍କୁ ଜଣାଇବା ସହ ନାଏବ ସରପଞ୍ଚ ଲେନି ମାଝିଙ୍କୁ ସରପଞ୍ଚ ଦାୟୀତ୍ୱ ଦେବାପାଇଁ ଅନୁରୋଧ କରାଯାଇଥିଲା। ଜିଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି ୩ଜଣିଆ ଟିମ୍‌କୁ ସରପଞ୍ଚଙ୍କ ବାସଭବନକୁ ଅନୁସନ୍ଧାନ ପାଇଁ ପଠାଇଥିଲେ। ପରେ ନିଜେ ମଧ ଅନୁସନ୍ଧାନ କରିଥିଲେ। ବା ପରେ ସରପଞ୍ଚ କର୍ଯ୍ୟ କରିବାକୁ ଅକ୍ଷମ ବୋଲି ଜାଣିବା ପରେ ନାଏବ ସରପଞ୍ଚ ଲେନି ମାଝିଙ୍କୁ ସରପଞ୍ଚଙ୍କ ସମସ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି।

## ସରିଲା ବାଲି ନିଲାମ: ଉଚ୍ଚା ଦରକୁ ନେଇ ପ୍ରଶ୍ନ

କୋଡିଙ୍ଗା,୧୬।୭(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା କୋଡିଙ୍ଗା ତହସିଲ ଅଧୀନ ଭାସ୍କେଲ ନଦୀ ଅବବାହିକାରେ ଥିବା ୭ଟି ବାଲି ଶଯ୍ୟାର ବାଲି ନିଲାମ ପ୍ରକ୍ରୟା ଶେଷ ହୋଇଛି। କୋଡିଙ୍ଗା ତହସିଲଦାରଙ୍କ ତତ୍ୱାବଧାନରେ ଅତିରିକ୍ତ ତହସିଲଦାର ସବ୍ୟସାଚୀ ଜେନା, ସେକ୍‌ସନ ଅଫିସର ବି.ଜେ. ପାଣିଗ୍ରାହି, ରାଜସ୍ୱ ବିଭାଗ ସୁପରଭାଇଜର, ନାଜିର ଏସ୍. ଜଗଦିଶ କୁମାର ପ୍ରମୁଖ ୪ ଟିମ୍ ଆବେଦନପତ୍ର ଯାଞ୍ଚ କରି ୭ ବାଲି ଶଯ୍ୟାର ବାଲି ନିଲାମ କରିଥିଲେ। ତେବେ ସରକାରୀ ଦର ପ୍ରତି ଘନମିଟର ପିଛା ୪୦ ଟଙ୍କା ରହିଥିବାବେଳେ ପ୍ରତି ଘନମିଟରକୁ ୮୦୦ରୁ ଉର୍ଦ୍ଧ୍ୱ ଟଙ୍କାରେ ନିଲାମି ହେଲେ ଉନ୍ନୟନ କାର୍ଯ୍ୟ, ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟ କିପରି ହେବ ଏବଂ ଲୋକେ କିପରି ବାଲି କିଣିବେ ବୋଲି ପ୍ରଶ୍ନ ଉଠିଛି।

## ଟିକଚାନ୍ଦ ବ୍ଲକ୍ କୃଷି ଉପଦେଷ୍ଟା କମିଟି ଅଧକ୍ଷ

ଝରିଗାଁ,୧୬।୭(ସ୍ୱ.ପ୍ର.): କୃଷିର ବିକାଶ ଏବଂ ଚାଷୀମାନଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳର ତାଲିମ ପ୍ରଦାନ ପାଇଁ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ଏଥିରେ କୃଷି ବିଭାଗ, ଉଦ୍ୟାନ, ମତ୍ସ୍ୟ ସମ୍ପଦ ବିଭାଗ, ଯୁବଗୋଷ୍ଠୀ, ମହିଳା ବିକାଶ, ପଶୁପାଳନ ବିଭାଗରୁ ସଭ୍ୟ ଚୟନ କରାଯାଇଥିଲା। ଏହି ସଭ୍ୟମାନଙ୍କୁ ନେଇ ବ୍ଲକ୍ କୃଷି ଉପଦେଷ୍ଟା କମିଟିର ଅଧକ୍ଷ ଭାବେ ଟିକଚାନ୍ଦ ମାଝିଙ୍କୁ ଚୟନ କରାଯାଇଛି। ଏହି ଅବସରରେ ପଞ୍ଚାୟତ ସମିତି ଅଧକ୍ଷା ରାମୁଲା ଗଣ୍ଡ, ବିଡିଓ ଦେବେନ୍ଦ୍ର ବାହାଦୁର ସିଂ ଧରୁଆ, ଏମ୍‌ପି ପ୍ରତିନିଧି ପ୍ରିୟରଞ୍ଜନ ଦାସ, ବିଧାୟକଙ୍କ ପ୍ରତିନିଧି ରାମଧର ମାଝି, ଜିଲା ପରିଷଦ ସଭ୍ୟ ମୋହନ ନାୟକ, ଲ୍ୟାମ୍ପସ ସଭାପତି ବାସନ୍ତି ଗଣ୍ଡ, ସହକାରୀ କୃଷି ଅଧିକାରୀ ସୁନିତା ସିଂ ଉପସ୍ଥିତ ଥିଲେ।

## ଚିନ୍ମୟ ବିଦ୍ୟାଳୟକୁ ସଫଳତା

ରାୟଗଡା ଅଫିସ,୧୬।୭: ସିବିଏସ୍‌ଇ ଦଶମ ପରୀକ୍ଷାରେ ରାୟଗଡ଼ା ଜିଲା ଥେରୁବାଲିସ୍ଥିତ ଚିନ୍ମୟ ବିଦ୍ୟାଳୟ ସଫଳତା ଅର୍ଜନ କରିଛି। ସ୍କୁଲର ୧୭ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୨୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ୧୬ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ବିଦ୍ୟାଳୟର ଛାତ୍ର ଅରକ୍ଷିତ ଅନୁପମ ୯୦.୪%, ହିତେଶ୍ ପାଲ ୯୦.୪% ଏବଂ ହେମାଳି ନିଳଗିରି ୮୯.୬% ନମ୍ବର ରଖି ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। କୃତୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟର ପରିଚାଳନା କମିଟି, ପ୍ରଧାନ ଆଚାର୍ଯ୍ୟ, ଶିକ୍ଷୟିତ୍ରୀ ଶିକ୍ଷକମାନେ ଶୁଭେଚ୍ଛା ଜଣାଇଛନ୍ତି।

## ମୂଲ୍ୟବାନ୍ କାଠ ଜବତ

ଗୁଡାରି,୧୬।୭: ରାୟଗଡ଼ା ଜିଲା ଗୁଡାରି ବନ ବିଭାଗ ପକ୍ଷରୁ ସ୍ଥାନୀୟ ପୁରୁଣା ଷ୍ଟେଟ୍‌ବ୍ୟାଙ୍କ ସାହିସ୍ଥିତ ଏକ ଘରୁ ଗୁରୁବାର ୩୬ଟି ସାଇଜ୍ କାଠ ପଟା ଜବତ କରାଯାଇଛି। ସୂଚନା ଅନୁଯାୟୀ, ଉକ୍ତ ଘରେ ବହୁ ମୂଲ୍ୟବାନ୍ କାଠ ଗଚ୍ଛିତ ଥିବା ଖବର ପାଇ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ତେବେ ଘର ବନ୍ଦ ଥିବାରୁ ତାଲା ଭାଙ୍ଗି ଯାଞ୍ଚ କରାଯାଇଥିଲା। ସେଠାରୁ ମୂଲ୍ୟବାନ୍ ଶାଳ, ପିଆଶାଳ ଏବଂ ଶାଗୁଆନ କାଠ ଜବତ କରାଯାଇଛି। ଏହାର ମୂଲ୍ୟ ପ୍ରାୟ ୭୦ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି। ତେବେ ଉକ୍ତ ଘରଟିକୁ ଭଡ଼ାସୂତ୍ରରେ ଦିଆଯାଇଥିବାବେଳେ ଭଡ଼ାଟିଆ ଲୋକ ସେଠାରେ କାଠ ରଖିଥିବା ଜଣାପଡ଼ିଛି। କାଠ ଜବତ କରାଯିବା ସହ ଏ ନେଇ ତଦନ୍ତ ଚାଲିଥିବା ବନପାଳ ସଂଘମିତ୍ରା ଭୋଇ ସୂଚନା ଦେଇଛନ୍ତି। ଚଢ଼ାଉବେଳେ ଫରେଷ୍ଟର ବର୍ଷାରାଣୀ ପାତ୍ର ଓ ବନ କର୍ମଚାରୀମାନେ ସାମିଲ ଥିଲେ।

# ଗୁଣିଗାରେଡ଼ି ସନ୍ଦେହରେ ଜଣଙ୍କୁ ହତ୍ୟା

ଦଶମନ୍ତପୁର,୧୬।୭ (ଡ଼ି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତର ଚଣ୍ଡିଜାନିଗୁଡ଼ା ଗ୍ରାମରେ ଗୁରୁବାର ଜଣେ ବ୍ୟକ୍ତିଙ୍କୁ ଗୁଣି ଗାରେଡ଼ି ସନ୍ଦେହରେ ରାସ୍ତା ମଝିରେ ପଥରରେ ଛେଚି ହତ୍ୟା କରାଯାଇଛି। ମୃତକ ଜଣକ ହେଲେ ସାଇ ହବେକା (୫୦)। ସାଇ ଲୋକଙ୍କୁ ଚେରିମୂଳି ଔଷଧ ଦେଇ ଚିକିତ୍ସା କରନ୍ତି। ଲୋକ ଭଲ ହେଉଥିବାରୁ ତାଙ୍କ ନିକଟକୁ ଚିକିତ୍ସା ପାଇଁ ଆସିଥାନ୍ତି। ଗ୍ରାମର ୨ବ୍ୟକ୍ତି ତୁମ୍ବି ସାଉଁନ୍ତା ଏବଂ ହାଡ଼ି ସାଉଁନ୍ତା କୌଣସି କାରଣକୁ ନେଇ ଦୀର୍ଘ ଏକବର୍ଷ ହେବ ସାଇ ଗୁଣି, ଗାରେଡ଼ି କରୁଥିବା ମିଥ୍ୟା ପ୍ରଚାର କରି ଆମ ପରିବାରକୁ ହଇରାଣ କରୁଥିଲେ ବୋଲି ସାଇଙ୍କ ସ୍ତ୍ରୀ ସିରମେ ପ୍ରକାଶ କରିଛନ୍ତି। ଏନେଇ ପୂର୍ବରୁ ଏହି ୨ଜଣ ବ୍ୟକ୍ତି ଆମକୁ ମରଣାନ୍ତକ ଆକ୍ରମଣ କରିବା ସହ ଗଣ୍ଡଗୋଳ କରି ଆସୁଥିଲେ। ଭୟରେ ସାଇଙ୍କ ପରିବାର ଲୋକେ ନିଜ ଗାଁ ଛାଡ଼ି ଦିନରେ ଜଙ୍ଗଲ, ପାହାଡ଼ ଓ ସମ୍ପର୍କୀୟଙ୍କ ଘରେ ଲୁଚି ରହୁଥିଲେ। ରାତିରେ ନିଜ ଘରକୁ ଫେରି ରହୁଥିଲେ। ପୁଣି ସକାଳୁ ଚାଲିଯାଉଥିଲେ। ସାଇ କାଶୀପୁର ବ୍ଲକ କୁଚେଇପଦର ପଞ୍ଚାୟତର ଗମ୍ଭାରିଗୁଡ଼ା ଗ୍ରାମରେ ପରିବାର ସହ ରହିଥିଲେ। ଗୁରୁବାର ସାଇ ଏବଂ ସ୍ତ୍ରୀ ସିରମେ ଦୁହେଁ ସମ୍ପୃକ୍ତ ୨ ବ୍ୟକ୍ତିଙ୍କ ନାମରେ ଥାନାରେ ଏତଲା ଦେବାକୁ ଗ୍ରାମକୁ ଫେରୁଥିଲେ। ସେମାନେ ଆସୁଥିବା ଖବର ଏହି ୨ ଜଣ ପାଇଥିଲେ। ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଏକ ନିଛାଟିଆ ଜାଗାରେ ଉଭୟେ ଲୁଚି ରହିଥିଲେ। ସେଠାରେ ସାଇ ଓ ତାଙ୍କ ସ୍ତ୍ରୀ ପହଞ୍ଚିବା ମାତ୍ରେ ଆକ୍ରମଣ କରିଥିଲେ। ସ୍ତ୍ରୀ ଦୌଡ଼ି ଯାଇ ସ୍ଥାନୀୟ ଥାନାରେ ସୂଚନା ଦେଇଥିଲେ। ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ, ତଦନ୍ତ ଅଧିକାରୀ ବି.କେ.ପଣ୍ଡା, ଏଏସଆଇ ବାବୁଲା ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ସାଇଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ସାଇଙ୍କୁ ସ୍ଥାନୀୟ ଚିକିତ୍ସାଳୟକୁ ଆଣୁଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଖୋଲିଲା ଜିଲା ମୁଖ୍ୟ ଚିକିତ୍ସାଳୟ

ମାଲକାନଗିରି,୧୬।୭ (ଡି.ଏନ୍.ଏ./ସ୍ୱ.ପ୍ର.)

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଗତ ଏକ ସପ୍ତାହ ଧରି ରୋଗୀ ସମେତ ୪୦ରୁ ଉର୍ଦ୍ଧ୍ୱ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଥିଲା। ଡାକ୍ତରଖାନା ବନ୍ଦ ଥିଲା। ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ନମୁନା ସଂଗ୍ରହକରି ପରୀକ୍ଷା ଲାଗି ପଠାଯାଇଥିଲା। ସେଥିରୁ ଅଧିକାଂଶଙ୍କ ନମୁନା ନେଗେଟିଭ୍ ଆସିବା ପରେ ଚିକିତ୍ସାଳୟ ଖୋଲିଛି। ବୁଧବାର ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲ ଡାକ୍ତରଖାନା ପରିଦର୍ଶନକରି ଡାକ୍ତର ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସହ ଏକ ବୈଠକ କରିଥିଲେ। ଫଳରେ ଗୁରୁବାରଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟକ୍ଷମ ହୋଇଛି।

# 'ମୋ ଉପକାରୀ ବଗିଚା' ତାଲିମ ଶିବିର

ଡାବୁଗାଁ,୧୬।୭(ଡି.ଏନ୍.ଏ.):

ରାଜ୍ୟରୁ ପୁଷ୍ଟିହୀନତା ଦୂରକରି ଉତ୍ତମ ସ୍ୱାସ୍ଥ୍ୟ ଗଠନ ପାଇଁ ସରକାର ଆରମ୍ଭ କରିଛନ୍ତି 'ମୋ ଉପକାରୀ ବଗିଚା' କାର୍ଯ୍ୟକ୍ରମ। ଏଥିରେ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍‌ରେ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ବ୍ଲକ୍‌ସ୍ତରୀୟ 'ମୋ ଉପକାରୀ ବଗିଚା' ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଣେ ସୁସ୍ଥ ମନୁଷ୍ୟ ପାଇଁ ଆବଶ୍ୟକ ପନିପରିବା ଯେପରି ନିଜ ବାଡ଼ିବଗିଚାରେ ଜୈବିକ ପ୍ରଣାଳୀରେ ଫଳାଇବେ ତାହା ହିଁ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ବିଶେଷକରି ବ୍ଲକ୍‌ର ପ୍ରତ୍ୟେକ ଗର୍ଭବତୀ, ପ୍ରସୂତୀ ଏବଂ ୫ବର୍ଷରୁ କମ୍ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ଲକ୍ଷ୍ୟ ନେଇ ଏହି ତାଲିମ ଦିଆଯାଇଥିବା କୁହାଯାଇଛି। ଏଥିପାଇଁ ଚାରା ଓ ମଞ୍ଜି ଯୋଗାଇ ଦିଆଯିବ। ୩ଦିନିଆ ତାଲିମ ଶିବିରରେ ବ୍ଲକ୍‌ର ବିଭିନ୍ନ ବିଭାଗୀୟ ଅଧିକାରୀ, ପଞ୍ଚାୟତର ଜିଆର୍‌ଏସ୍, ଆଶା ଓ ଅଙ୍ଗନୱାଡି କର୍ମୀ ଉପସ୍ଥିତ ରହି ତାଲିମ ଦେଇଛନ୍ତି।

# ଗ୍ରାମବାସୀ ତିଆରି କଲେ କାଠବାଉଁଶର ପୋଲ



ଗ୍ରାମବାସୀ ନିର୍ମାଣ କରିଥିବା କାଠପୋଲ ।

ଜୟପୁର,୧୬।୭(ଡି.ଏନ.ଏ. )

**ଚାଷଜମିକୁ ବାଟ ଓଗାଳୁଛି ନଦୀ**

କୋରାପୁଟ ଜିଲା ଜୟପୁର ବ୍ଲକର ବାଲିଆ ପଞ୍ଚାୟତର ନୂଆପୁଟ ଗ୍ରାମର କେତେଜଣଙ୍କର ଘରଠାରୁ ୨ଶହ ମିଟର ଦୂରତାରେ ଥିବା ଚାଷଜମିକୁ ଯାତାୟାତ ଲାଗି ନଦୀ ପାର ହେବାକୁ ପଡୁଛି । ବର୍ଷାଦିନରେ ନଦୀରେ ଅଧିକ ଜଳ ପ୍ରବାହିତ ହେଉଥିବାରୁ ଚାଷୀ ସମସ୍ୟାରେ ପଡୁଛନ୍ତି। ଏଠାରେ ଏକ ପାଦଚଲା ପୋଲ ନିର୍ମାଣ କରିବାକୁ ଚାଷୀମାନେ ପ୍ରଶାସନ ନିକଟରେ ଦାବିକରି ଆସୁଥିଲେ ମଧ କିଛି ପଦକ୍ଷେପ ନିଆଯାଉ ନ ଥିଲା। ଶେଷରେ ଗ୍ରାମବାସୀ ଏକାଠି ହୋଇ କାଠ ଏବଂ ବାଉଁଶରେ ନଦୀ ଉପରେ ପାଦଚଲା ପୋଲ ନିର୍ମାଣ କରିଛନ୍ତି। ନଦୀ ଆରପଟେ ଗ୍ରାମର ୪୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ଚାଷଜମି ରହିଛି। ଜମିକୁ ଯିବାକୁ ହେଲେ ୨ଶହ ମିଟର ନଦୀ ପାରହୋଇ ଯିବାକୁ ପଡେ। ନଚେତ୍ ଗ୍ରାମଠାରୁ ସଡ଼କପଥରେ ୪ କି.ମି . ଯିବାକୁ ହୁଏ। ଚାଷୀଙ୍କ ସୁବିଧା ଲାଗି ପ୍ରଶାସନ ପକ୍ଷରୁ ଏଠାରେ ଏକ ସ୍ଥାୟୀ ପୋଲ ନିର୍ମାଣ କରିବାକୁ ଚାଷୀ ଏବଂ ଗ୍ରାମବାସୀ ଦାବି କରିଛନ୍ତି ।

## ବ୍ୟବସାୟୀଙ୍କୁ ସ୍ଥାନାନ୍ତର ପରେ ହାଟ ବନ୍ଦ

ସେମିଳିଗୁଡ଼ା,୧୬।୭ (ସ୍ୱ.ପ୍ର.)

ନନ୍ଦପୁର ରୋଡ୍ ତଥା ୨୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ବସୁଥିବା ହାଟକୁ ସୁନାବେଡ଼ା ପୌରାଞ୍ଚଳର ସାପ୍ତାହିକ ହାଟ ପରିସରକୁ ସ୍ଥାନାନ୍ତର କରାଯାଇଛି। ଏହି ହାଟକୁ ସେମିଳିଗୁଡ଼ା ଅଞ୍ଚଳର ପରିବା ବ୍ୟବସାୟୀ ଆସୁଥିଲେ। ତେବେ ସ୍ଥାନାନ୍ତର ପରେ କୋରାପୁଟ ଜିଲାର ସମସ୍ତ ସାପ୍ତାହିକ ହାଟକୁ ପ୍ରଶାସନ ବନ୍ଦ କରି ଦେଇଛି।

## ସାପ କାମୁଡ଼ାରେ ନାବାଳିକାଙ୍କ ମୃତ୍ୟୁ

ଜୟପୁର,୧୬।୭(ଡି.ଏନ୍.ଏ)

କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଦୋରାଗୁଡ଼ା ଗ୍ରାମରେ ବୁଧବାର ରାତିରେ ସାପ କାମୁଡାରେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ସୁଶୀଳା ମୁର୍ଜିଆ(୧୬) । ସେ ରାତିରେ ଘର ପିଣ୍ଡାରେ ଶୋଇଥିବା ବେଳେ ତାଙ୍କୁ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଜୟପୁର ଜିଲା ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ ।

# ୨ଜଣଙ୍କୁ ଧରି ପୋଲିସ ଜିମା ଦେଲେ ଗ୍ରାମବାସୀ

ଦଶମନ୍ତପୁର,୧୬।୭( ଡି.ଏନ.ଏ. )

**ବାହାର ରାଜ୍ୟକୁ ଶ୍ରମିକ ଚାଲାଣ**

କରୋନା ସଂକ୍ରମଣ ବଢ଼ି ଚାଲିଥିବା ବେଳେ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଞ୍ଚଳରେ ବାହାର ରାଜ୍ୟର କେତେଜଣ ବ୍ୟକ୍ତି ପହଞ୍ଚି ଲୋକଙ୍କୁ ପ୍ରଭାବିତ କରି ଦାଦନ ଖଟିବାକୁ ନେଉଥିବା ଦେଖିବାକୁ ମିଳୁଛି। ଗୁରୁବାର ୨ ବ୍ୟକ୍ତି ଆସି ବାହାର ରାଜ୍ୟକୁ ଶ୍ରମିକ ନେବାକୁ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ ତାଙ୍କୁ ଧରିଛନ୍ତି। ଖବରରୁ ଜଣାପଡ଼ିଛି ଏହି ବ୍ଲକ ଅନ୍ତର୍ଗତ ପରଜା ବେଡ଼ାପଦର ପଞ୍ଚାୟତର ମଙ୍ଗରାଗୁଡ଼ା ଗ୍ରାମରେ ଗୁରୁବାର ତେଲଙ୍ଗାନାର ଯାଦାଦ୍ରି ଜିଲା ଅନ୍ତର୍ଗତ ରାମାନାଡ଼ା ବ୍ଲକ ଆନରାମ ଗ୍ରାମର ସୁଦର୍ଶନ ରେଡ୍ଡି ଏବଂ ରାଘବେନ୍ଦ୍ର ରେଡ୍ଡି ଏକ କାର୍ (ଟିଏସ୍ ୦୭ଏଫ୍‌ଟି–୮୧୮୨)ଯୋଗେ ଆସି ୨ ଦିନ ହେବ ବ୍ଲକ ଅଞ୍ଚଳରେ ବୁଲି ଦାଦନ ଶ୍ରମିକ ଖୋଜୁଥିଲେ। ଦାଦନ ଶ୍ରମିକ ଚାଲାଣରେ ସହଯୋଗ କରୁଥିବା ଗ୍ରାମର ତୁଣ୍ଡୁ ମୁଦୁଲି ଏବଂ ସାଦୁ ଜାନିଙ୍କ ନିକଟକୁ ଯାଇ ଆଲୋଚନା କରୁଥିବା ବେଳେ ଗ୍ରାମର ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ନଜରକୁ ଆସିଥିଲେ। ସେମାନେ ସରକାରଙ୍କ କୋଭିଡ୍ କଟକଣାକୁ ଉଲ୍ଲଂଘନ କରି ବାହାର ରାଜ୍ୟରୁ ଆସିଥିବାରୁ ତୁରନ୍ତ ଆଶା ଓ ଅଙ୍ଗନୱାଡି କର୍ମୀ ପ୍ରଶାସନକୁ ଅବଗତ କରାଇଥିଲେ। ଏଥିରେ ଭୟଭୀତ ହୋଇ ଉଭୟେ ଫେରିଯାଉଥିବା ସମୟରେ ଗ୍ରାମବାସୀ ସେମାନଙ୍କୁ ଅଟକାଇଥିଲେ। ପରେ ଗ୍ରାମବାସୀ ପୋଲିସକୁ ଜଣାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତେଲଙ୍ଗାନାର ଏହି ୨ ବ୍ୟକ୍ତି ଓ ସେମାନଙ୍କ କାର୍‌କୁ ଥାନାକୁ ଆଣିଥିଲା। ଉଭୟଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

# ୪ ଜିଲାରୁ ୧୩ କରୋନା ପଜିଟିଭ

କୋରାପୁଟ/ମାଲକାନଗିରି/ ନବରଙ୍ଗପୁର/ ରାୟଗଡା ଅଫିସ, ୧୬।୭ (ସ୍ୱ.ପ୍ର./ ଡି.ଏନ.ଏ./ବି.ପ୍ର.)

ଦକ୍ଷିଣ ଓଡ଼ିଶାର ୪ ଜିଲାରୁ ଗୁରୁବାର ୧୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲାରୁ ୪ ହୋଇଥିବା ବେଳେ ମାଲକାନଗିରି ୪, ନବରଙ୍ଗପୁର ୪ ଓ ରାୟଗଡା ଜିଲାରୁ ଜଣେ ପଜିଟିଭ ବାହାରିଛି। କୋରାପୁଟ ଜିଲାରେ ୪ ଚିହ୍ନଟ ପରେ ଜିଲାରେ ପଜିଟିଭଙ୍କ ସଂଖ୍ୟା ୧୯୧କୁ ବୃଦ୍ଧି ପାଇଛି। ଚିହ୍ନଟଙ୍କ ମଧ୍ୟରୁ ଜଣେ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ଅନ୍ୟ ୩ ଜଣ ସ୍ଥାନୀୟ ପଜିଟିଭଙ୍କ ସଂସ୍ପର୍ଶରେ ଆସି ଆକ୍ରାନ୍ତ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଜିଲାର ନାରାୟଣପାଟଣା ପାଟିଙ୍ଗିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ହଷ୍ଟେଲଠାରେ ସଙ୍ଗରୋଧ କେନ୍ଦ୍ରରେ ଥିବା ଜଣେ ବିଏସ୍‌ଏଫ୍ ଯବାନ ଆକ୍ରାନ୍ତ ହୋଇଛନ୍ତି। ସେ ବିହାରରୁ ଫେରି ସଙ୍ଗରୋଧରେ ଥିଲେ। ଅନ୍ୟ ୩ ଜଣ କୋରାପୁଟ ମ୍ୟୁନିସିପାଲିଟି ଅଞ୍ଚଳର ପୂଜାରିପୁଟ ଓ ୱେଭର୍ସ କଲୋନୀର ବୋଲି ଜଣାପଡିଛି। ଉପରୋକ୍ତ ୩ ଜଣ ସ୍ଥାନୀୟ ପଜିଟିଭଙ୍କ ସଂସ୍ପର୍ଶରେ ଆସି କରୋନା ଆକ୍ରାନ୍ତ ହୋଇଛନ୍ତି। ସହରର ବିଜ୍ଞାନ କଲେଜ ଅଞ୍ଚଳ, ବିଜ୍ଞାନ କଲେଜରୁ ଗୌତମନଗର ରାସ୍ତା ଏବଂ ଶନିମନ୍ଦିର ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ରୂପେ ଘୋଷଣା କରାଯାଇଛି। ସମସ୍ତ ପଜିଟିଭଙ୍କୁ ଜୟପୁରସ୍ଥିତ କୋଭିଡ୍ ହସ୍ପିଟାଲକୁ ପଠାଯାଇଛି।

ମାଲକାନଗିରି ପୌର ପରିଷଦ ଅଞ୍ଚଳରେ ଗୁରୁବାର ପୁଣି ୪ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ କରୋନା ରୋଗୀଙ୍କ ସଂଖ୍ୟା ୨୧୩ ହୋଇଛି। ଏମାନଙ୍କ ମଧ୍ୟରେ ସିଡିଏମଓଙ୍କ କାର୍ଯ୍ୟାଳୟରୁ ଜଣେ ଚିହ୍ନଟ ହୋଇଛନ୍ତି। ଫଳରେ ସିଡିଏମଓଙ୍କ କାର୍ଯ୍ୟାଳୟକୁ ପ୍ରଶାସନ ବନ୍ଦ କରି ଦେଇଛି। ଏହି ୪ଜଣ ଅନ୍ୟ କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ପଜିଟିଭ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଜିଲାରେ ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ୧୧୧ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୧୦୨ ଜଣ ଚିକିତ୍ସିତ ହେଉଛନ୍ତି।

ନବରଙ୍ଗପୁର ଜିଲାରୁ ପୁଣି ୪ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ଗୁରୁବାର ସୂଚନା ମିଳିଛି। ଏମାନଙ୍କ ମଧ୍ୟରେ ଜଣେ ଡାକ୍ତର ରହିଥିବା ଜିଲାପାଳ ଅଜିତ୍ କୁମାର ମିଶ୍ର ସୂଚନା ଦେଇଛନ୍ତି। ଏହା ଜଣାପଡ଼ିବା ପରେ ୪ ସଂକ୍ରମିତଙ୍କ ମଧ୍ୟରୁ ୩ଜଣଙ୍କୁ ସ୍ଥାନୀୟ କୋଭିଡ୍ ହେଲ୍‌ଥ ସେଣ୍ଟରକୁ ସ୍ଥାନାନ୍ତର କରାଯାଇଥିବାବେଳେ ଭୁବନେଶ୍ୱରରେ ପଢୁଥିବା ଜଣେ ଯୁବତୀଙ୍କୁ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି। ସେହିପରି ସଂକ୍ରମିତ ହୋଇଥିବା ଡାକ୍ତର ବ୍ରହ୍ମପୁରରୁ ଫେରିଥିଲେ। ପଜିଟିଭ ବାହାରିବା ପରେ ସେ ସେବା ଯୋଗାଉଥିବା ଡାକ୍ତରଖାନାକୁ ସାନିଟାଇଜ୍ କରାଯାଇଛି। ଏହାକୁ ମିଶାଇ ଜିଲାରେ ପଜିଟିଭଙ୍କ ସଂଖ୍ୟା ୧୩୯ରେ ପହଞ୍ଚିଛି।

ରାୟଗଡ଼ା ଅଫିସ,୧୬।୭: ରାୟଗଡ଼ା ଜିଲାରୁ ଆଉ ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଗୁରୁବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ମିଳିଛି। ଚିହ୍ନଟ ଯୁବକଙ୍କ ବୟସ ୧୮ ବର୍ଷ। ସେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ୧୩ ତାରିଖରେ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ସ୍ୱାବ୍ ସଂଗ୍ରହକରି ପରୀକ୍ଷା ପାଇଁ ପଠାଯାଇଥିବାବେଳେ ରିପୋର୍ଟ ପଜିଟିଭ ଆସିଥିବା ସୂଚନା ମିଳିଛି।

## ସୁନାବେଡା, ଦାମନଯୋଡିରେ ୩ ଛାତ୍ରୀଛାତ୍ର ବିଦ୍ୟାଳୟ ଟପ୍ପର

ଦାମନଯୋଡି/ସୁନାବେଡା,୧୬।୭(ଡି.ଏନ.ଏ.)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷାବୋର୍ଡ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଦାମନଯୋଡିସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲର ପରୀକ୍ଷା ଦେଇଥିବା ୧୦୩ ଛାତ୍ରୀଛାତ୍ର ପାସ୍ କରିଛନ୍ତି । ଛାତ୍ର ଅମିତ୍ କୁମାର ବେହେରା ଓ ଜ୍ୟୋତିଷ୍କ ବିଶ୍ୱାସ ୯୭.୨ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ମନସ୍ୱୀ ଦାଶ ୯୭ ପ୍ରତିଶତ ରଖି ଦ୍ୱିତୀୟ ହୋଇଛନ୍ତି ।

ସୁନାବେଡାସ୍ଥିତ ଭିଏସ ବିଦ୍ୟାଳୟର ସିବିଏସଇ ଦଶମ ପରୀକ୍ଷା ଫଳାଫଳରେ ସମସ୍ତ ଛାତ୍ରୀଛାତ୍ର ପାସ୍ ହୋଇଛନ୍ତି । ଛାତ୍ର ବିପୁଲ କୁମାର ୯୭.୨ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ରତ୍ନରାଜ ଏବଂ ଶୁଭାଙ୍ଗି ପ୍ରିୟଦର୍ଶିନୀ ଉଭୟେ ୯୬.୨ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବିଦ୍ୟାଳୟର ସଫଳତା ଲାଗି ଚେୟାରମ୍ୟାନ ତଥା ହାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବାଶିଷ ଦେବ, ଭାଇସ ଚେୟାରମ୍ୟାନ ଆଶୁତୋଷ ମଲ୍ଲିକ,ସାଧାରଣ ସମ୍ପାଦକ ସୁଦୀପ୍ତ ଚାଟାର୍ଜୀ, ସମ୍ପାଦକ ତନବୀର ଆଲ୍ଲାମ ପ୍ରମୁଖ ବିଦ୍ୟାଳୟର ଅଧକ୍ଷ ହେମନ୍ତ କୁମାର ସେଠ,ଉପାଧକ୍ଷ ପିକେ ମିଶ୍ରଙ୍କ ସହ ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପି.ଗାୟତ୍ରୀ ବିଦ୍ୟାଳୟ ଟପ୍ପର

କୋରାପୁଟ,୧୬।୭(ସ୍ୱ.ପ୍ର.)– ସିବିଏସଇର ମାଟ୍ରିକ ପରୀକ୍ଷା ଫଳାଫଳ ବୁଧବାର ପ୍ରକାଶ ପାଇଛି। କୋରାପୁଟ ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାଳୟର ଛାତ୍ରୀ ପି. ଗାୟତ୍ରୀ ୯୫.୨ ପ୍ରତିଶତ ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରିବିଦ୍ୟାଳୟର ଏସ.ପି. ଜ୍ୟୋତିପ୍ରଭା ଓ ଏ. ମୋନିକା ବିଦ୍ୟାଳୟରେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

## ଗୋଟିଏ ସାହିରୁ ୩ ବାଇକ ଚୋରି

ଜୟପୁର,୧୬।୭(ଡି.ଏନ.ଏ )

କୋରାପୁଟ ଜିଲା ଜୟପୁର ସହରରେ ବାଇକ୍ ଚୋରି ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ରାତିରେ ଭୂପତି ସାହି ଦୁର୍ଗାମନ୍ଦିର ପାର୍ଶ୍ୱରେ ଥିବା ଏକ ଗଳି ଭିତରରୁ ବାହାରେ ରଖାଯାଇଥିବା ୩ଟି ବାଇକ (ଓଡ଼ି୧୦– ୪୯୯୫)(ଓଡ଼ି ୧୦ସି–୩୬୬୦) ଏବଂ (ଓଆର୧୦ଇ–୮୬୬୭)କୁ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଚୋରି କରି ନେଇଛନ୍ତି । ଏନେଇ ଟାଉନଥାନାରେ ୩ବାଇକ୍‌ର ମାଲିକ ଅଭିଯୋଗ କରିଛନ୍ତି।

# କରୋନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପରିଚାଳନାରେ ଅନିୟମିତତା

ନବରଙ୍ଗପୁର,୧୬।୭(ବି.ପ୍ର.):

**ଅଭିଯୋଗ ଆଣିଲା କଂଗ୍ରେସ**

କରୋନା ପରିସ୍ଥିତିର ମୁକାବିଲା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଦାନ ଆସୁଛି। କିନ୍ତୁ ତାହା ବିଭିନ୍ନ ଦିଗରେ ବାଟମାରଣା ହେଉଥିବା ନବରଙ୍ଗପୁର ଜିଲା କଂଗ୍ରେସ ଅଭିଯୋଗ କରିଛି। ସ୍ଥାନୀୟ କଂଗ୍ରେସ ଭବନଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ତଥା ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଏହି ଅଭିଯୋଗ ଆଣିଛନ୍ତି।

କରୋନା ଜିଲାର ପଲ୍ଲୀ ଅଞ୍ଚଳରେ ପହଞ୍ଚିଲାଣି। ଏହା ମନୁଷ୍ୟକୃତ, ଚାହିଁଲେ ରୋକାଯାଇପାରନ୍ତା। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ନିୟମ ଅନୁଯାୟୀ ପରିଚାଳନା ହେଉଛି । କିନ୍ତୁ ୨ଟଙ୍କା ୩୦ ପଇସାର ମାସ୍କକୁ ୮୦ଟଙ୍କାରେ କିଣାଯାଇଛି। ବିଭିନ୍ନ ସାମଗ୍ରୀ କିଣାରେ ଦୁର୍ନୀତି ହୋଇଛି। ତେଣୁ ନ୍ୟାୟ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହେବୁ ବୋଲି ସେ କହିଛନ୍ତି। ଆଦିବାସୀ ଅଧ୍ୟୁଷିତ ନବରଙ୍ଗପୁର ଜିଲାରେ ଦୈନିକ ମୁଣ୍ଡପିଛା ଆୟ ୩୦ଟଙ୍କା ହେବ। ଏଭଳି ପରିସ୍ଥିତିରେ କରୋନା ମୁକାବିଲା ପାଇଁ ଜିଲାକୁ ଆସୁଥିବା ଟଙ୍କାର ସୁବିନିଯୋଗ ହେଉନାହିଁ। ପ୍ରବାସୀ ଶ୍ରମିକଙ୍କୁ କାମ ମିଳୁନାହିଁ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ ଜିଲା ପଛରେ ରହିଛି। ଟିଏମ୍‌ସିରେ ପଡ଼ିଥିବା ବେଡ୍, ବେଡ୍ କଭର, ବେଡ୍‌ସିଟ୍ ଆଦି କିଣାରେ ଦୁର୍ନୀତି ହୋଇଛି। ସେହିଭଳି କିଟ୍ କିଣା, ସଙ୍ଗରୋଧରେ ରହୁଥିବା ଲୋକଙ୍କ ଅତ୍ୟାବଶ୍ୟକ ଜିନିଷ, ଇନ୍‌ଭର୍ଟର ଆଦି କିଣା ଏବଂ ଖାଦ୍ୟରେ ଦୁର୍ନୀତି ହୋଇଥିବା ସେ ଅଭିଯୋଗ କରିଛନ୍ତି। ପ୍ରଶାସନ ଏବଂ ସରକାର ଏ ସବୁର ହିସାବ ଦିଅନ୍ତୁ ବୋଲି ପୂର୍ବତନ ଏମ୍‌ପି ମାଝି କହିଛନ୍ତି। ସେହିପରି ପ୍ରତିଦିନ ସାନିଟାଇଜ୍ ପାଇଁ ଆସିଥିବା ଅର୍ଥ, ବୁଲା କୁକୁର ଓ ଗୋରୁଙ୍କ ପାଇଁ ଆସିଥିବା ଟଙ୍କା କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ୧୨୦ଟଙ୍କା ମଧ୍ୟରେ ଖାଦ୍ୟ ଯୋଗାଇବା ପାଇଁ ନିୟମ ରହିଥିବାବେଳେ ୭୦ ଟଙ୍କା ମଧ୍ୟରେ ଖାଦ୍ୟ ଦେଉଛନ୍ତି। ଅନ୍ତେବାସୀଙ୍କ ସହ ଖରାପ ବ୍ୟବହାର କରାଯାଉଛି। ତେଣୁ ଏହାର ଜବାବ ଦିଆଯାଉ। ହିସାବ ଓ ଜବାବ ନ ମିଳିଲେ କୋଭିଡ୍ ନିୟମ ଭାଙ୍ଗି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ସେ କହିଛନ୍ତି। ରାଜ୍ୟ ସରକାର ୨ବର୍ଷ ପର୍ଯ୍ୟନ୍ତ ନିଯୁକ୍ତି ବନ୍ଦ କଥା କହିଛନ୍ତି। ଓଡ଼ିଶା ସରକାର ଟଙ୍କା କୁଆଡ଼େ ନେଲେ ବୋଲି ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ପ୍ରଶ୍ନ କହିଛନ୍ତି। ସେହିପରି ସଙ୍ଗରୋଧ କେନ୍ଦ୍ରର ବ୍ୟବସ୍ଥାକୁ ନେଇ ମଧ ସେ ପ୍ରଶ୍ନ ଉଠାଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ସାହୁ, ଦିଲୀପ ବେହେରା, ଉତ୍ତମ ତ୍ରିପାଠୀ, ଅବଦୁଲ ଫିରୋଜ, ପୂର୍ବତନ ବିଧାୟକ ସଦନ ନାୟକ, ସୁବାସ ସୁର, ସରୋଜ ପାତ୍ର, କୁନା ପାଢୀ ଉପସ୍ଥିତ ଥିଲେ।

# ଦାବି ପୂରଣ କଲେ କର୍ତ୍ତୃପକ୍ଷ

ପଟ୍ଟାଙ୍ଗି,୧୬।୭(ଡି.ଏନ୍.ଏ.)



ଆଲୋଚନାରେ ସାମିଲ ହୋଇଥିବା ଅଧିକାରୀ ଓ ଡ୍ରାଇଭରମାନେ ।

**ସିମେଣ୍ଟ କାରଖାନା ଟ୍ରକ୍ ଡ୍ରାଇଭରଙ୍କ ଆନ୍ଦୋଳନ ଘଟଣା**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଅମ୍ବାବାଲି ପଞ୍ଚାୟତରେ ଥିବା ଗଜପତି ସିମେଣ୍ଟ କାରଖାନାର ଟ୍ରକ୍ ଡ୍ରାଇଭରଙ୍କ ଦାବିକୁ ଶେଷରେ କାରଖାନା କର୍ତ୍ତୃପକ୍ଷ ପୂରଣ କରଛନ୍ତି। ସ୍ଥାନୀୟ ପୋଲିସ ଉପସ୍ଥିତରେ ଲିଖିତ ଭାବେ ଦାବି ପୂରଣ ନେଇ ଡ୍ରାଇଭରମାନଙ୍କୁ ଅବଗତ କରାଯାଇଛି। କାରଖାନାର ନିଜସ୍ୱ ୩୧ଟି ଟ୍ରକ୍‌କୁ ସୁଙ୍କି ସ୍ଥିତ ମା' ଦୁର୍ଗା ମୋଟର ଡ୍ରାଇଭର ସଂଘର ୭୦ରୁ ଉର୍ଦ୍ଧ୍ୱ ଡ୍ରାଇଭର ଏବଂ ୪୦ ହେଲ୍‌ପର ୧୫ ବର୍ଷ ଧରି ଚଳାଇ ଆସୁଥିଲେ। ମାତ୍ର କାରଖାନା କର୍ତ୍ତୃପକ୍ଷ ସେମାନଙ୍କୁ ସ୍ୱଳ୍ପ ଦରମା ଦେଉଥିଲେ। ଦରମା ବୃଦ୍ଧି ସହ ଅନ୍ୟାନ୍ୟ ଦାବି ପୂରଣ ଲାଗି ଡ୍ରାଇଭର ଓ ହେଲ୍‌ପରମାନେ କାରଖାନା କର୍ତ୍ତୃପକ୍ଷଙ୍କ ନିକଟରେ ଦାବିକରି ଆସୁଥିଲେ। ମାତ୍ର ଏଥିପ୍ରତି କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନ ଥିଲେ। ଏହାର ପ୍ରତିବାଦରେ ଶେଷରେ ୬ତାରିଖରୁ ଡ୍ରାଇଭର ଓ ହେଲ୍‌ପରମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ମାଲ୍ ପରିବହନ ବନ୍ଦ କରିଦେଇଥିଲେ। ଏନେଇ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ କାରଖାନା କର୍ତ୍ତୃପକ୍ଷ ପୋଲିସ ନିକଟରେ ପହଞ୍ଚି ଡ୍ରାଇଭରମାନଙ୍କ ସହ ୨ ଦୁଇଥର ଆଲୋଚନା କରିଥିଲେ ମଧ ବିଫଳ ହୋଇଥିଲା । ଗୁରୁବାର ସ୍ଥାନୀୟ ଥାନା ଅଧିକାରୀ ବିଜୟରାଜ ମାଝିଙ୍କ ତତ୍ତ୍ୱାବଧାନରେ କାରଖାନା କର୍ତ୍ତୃପକ୍ଷ ଏବଂ ଡ୍ରାଇଭର ସଂଘ ମଧ୍ୟରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ପରେ ଡ୍ରାଇଭରଙ୍କୁ ଦୈନିକ ୬୮୦ ଟଙ୍କା ଏବଂ ସେହିପରି ହେଲ୍‌ପରମାନଙ୍କୁ ଦୈନିକ ୪୪୦ ଟଙ୍କା ପ୍ରଦାନ କରିବାକୁ କାରଖାନା କର୍ତ୍ତୃପକ୍ଷ ସମ୍ମତି ପ୍ରକାଶ କରିଥିଲେ। ଆଲୋଚନା ବେଳେ ଜିଏମ୍ ବି. ପି. ଶ୍ରୀନିବାସ ରାଓ, ଲୋଜେଷ୍ଟିକ ମ୍ୟାନେଜର ମନୋଜ କୁମାର ଷଣ୍ଢ,ସୁପରଭାଇଜର ରାମ କ୍ରିଷ୍ଣା, ଏସିଡିପିଓ ନିରଞ୍ଜନ ବେହେରା, ସୁଙ୍କି ଫାଣ୍ଡି ଅଧିକାରୀ ସଂଗ୍ରାମ ସ୍ୱାଇଁ ଏବଂ ଟ୍ରକ୍ ମାଲିକ ସଂଘ ସଭାପତି ସାପାଲ ରାଜୁ , ସମ୍ପାଦକ ଏମ୍. ପୁଷ୍କର ଓ ଡ୍ରାଇଭର ସଂଘ ଉପଦେଷ୍ଟା ଗୁପ୍ତଶଙ୍କର ପଟ୍ଟନାୟକ, ସଭାପତି ସମ୍ବଲପୁରୀ ବୋମା, ସମ୍ପାଦକ କେ. କନକା ରାଜୁ ଉପସ୍ଥିତ ଥିଲେ।

